# Prime Minister’s bilateral meeting with Prime Minister of Bangladesh Sheikh Hasina

March 27, 2021

## ବାଙ୍ଗଲାଦେଶର ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଦ୍ୱିପାକ୍ଷିକ ବୈଠକ

ମାର୍ଚ୍ଚ 27, 2021

ଆଜି 27 ମାର୍ଚ୍ଚରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ବାଙ୍ଗଲାଦେଶର ପ୍ରଧାନମନ୍ତ୍ରୀ ଶେଖ ହସିନା ସୀମିତ ଏବଂ ପରେ ପ୍ରତିନିଧୀସ୍ତରୀୟ ବିସ୍ତୃତ ଆଲୋଚନା କରିଥିଲେ। 1971 ର ଇତିହାସ ସଂରକ୍ଷଣ, ବାଣିଜ୍ୟ, ବ୍ୟାପାର ଏବଂ ସଂଯୋଗୀକରଣ, ଜଳ ସମ୍ବଳ କ୍ଷେତ୍ରରେ ସହଯୋଗ, ସୁରକ୍ଷା ଏବଂ ପ୍ରତିରକ୍ଷା ସହଯୋଗ, ଶକ୍ତି ଏବଂ ଉର୍ଜା ସମେତ ବିଭିନ୍ନ କ୍ଷେତ୍ରରେ ଅଗ୍ରଗତିର ସେମାନେ ସମୀକ୍ଷା କରିଥିଲେ। କୃତ୍ରିମ ବୁଦ୍ଧିମତା, ବିଗ୍ ଡାଟା, ଫିନ୍ ଟେକ୍ ଏବଂ ଆଣବିକ ଶକ୍ତିର ସାମାଜିକ ପ୍ରୟୋଗ ପରି ନୂତନ କ୍ଷେତ୍ରରେ ଉଭୟ ପ୍ରଧାନମନ୍ତ୍ରୀ ଦ୍ୱିପାକ୍ଷିକ ସହଯୋଗକୁ ଉତ୍ସାହିତ କରିଥିଲେ। ଦୁଇ ଦେଶ ମଧ୍ୟରେ ଯୁବ ବିନିମୟ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିବାକୁ ସହମତି ପ୍ରକାଶ ପାଇଥିଲା। ପ୍ରଧାନମନ୍ତ୍ରୀ ମୋଦୀ ବାଙ୍ଗଲାଦେଶର 50 ଜଣ ଯୁବ ଉଦ୍ୟମିଙ୍କୁ ଭାରତର ଷ୍ଟାର୍ଟଅପ୍ ଏବଂ ନବସୃଜନ ଇକୋସିଷ୍ଟମ୍ ସହିତ ସଂଯୋଗ କରିବା ଏବଂ ଉଦ୍ୟମି ପୁଞ୍ଜିପତିମାନଙ୍କୁ ଭେଟିବା ପାଇଁ ଆମନ୍ତ୍ରଣ କରିଥିଲେ।

ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ବଙ୍ଗବନ୍ଧୁ ଚେୟାର ପ୍ରତିଷ୍ଠା, ବାଙ୍ଗଲାଦେଶର ଛାତ୍ର ତଥା ଅଧିକାରୀଙ୍କ ପାଇଁ ଭାରତ ଦ୍ୱାରା 1000 "ସୁବର୍ନୋ ଜୟନ୍ତୀ ଛାତ୍ରବୃତ୍ତି" ପ୍ରଦାନ, ଏହି ବିଶେଷ ବର୍ଷରେ ଶାଦିନୋଟା ଶୋରୋକ ଖୋଲିବା ଏବଂ 19ଟି ଦେଶରେ ମିଳିତ ସ୍ମୃତିଚାରଣ କାର୍ଯ୍ୟକ୍ରମ ଆୟୋଜନ କରିବା ଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି।

ଉଭୟ ପ୍ରଧାନମନ୍ତ୍ରୀ ମିଳିତ ଭାବେ ନିଜ ଦେଶ ଦ୍ୱାରା ଜାରି କରାଯାଇଥିବା ଡାକ ଟିକଟଗୁଡ଼ିକୁ ଉନ୍ମୋଚନ କରିଥିଲେ। 6 ଡିସେମ୍ବରକୁ "ମୈତ୍ରୀ ଦିଓସ" ଭାବରେ ପାଳନ କରିବାକୁ ଉଭୟ ପକ୍ଷ ରାଜି ହୋଇଥିଲେ, ଯେଉଁଦିନ ଭାରତ ବାଙ୍ଗଲାଦେଶକୁ ଆନୁଷ୍ଠାନିକ ଭାବେ ସ୍ୱୀକୃତି ଦେଇଥିଲା। ବାଙ୍ଗଲାଦେଶର ମୁକ୍ତି ଯୁଦ୍ଧରେ ଭାରତୀୟ ସୈନିକଙ୍କ ଅବଦାନକୁ ସମ୍ମାନ ଜଣାଇ ବାଙ୍ଗଲାଦେଶ (ଆଶୁଗଞ୍ଜ, ବ୍ରାହ୍ମଣବରିଆ) ରେ ଯୁଦ୍ଧ ସ୍ମାରକୀ ନିର୍ମାଣ କରିଥିବାରୁ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ଦୁଇ ପ୍ରଧାନମନ୍ତ୍ରୀ ରୁପୁର ପାୱାର ଇଭାକୁଏସନ୍ ପ୍ରକଳ୍ପର ମୋଟ 8ଟି ପ୍ୟାକେଜ୍ ମଧ୍ୟରୁ ପାଞ୍ଚଟି ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ଏବଂ କୁଠିବାରୀଠାରେ 3ଟି ସୀମା ହାଟ ଏବଂ ରବୀନ୍ଦ୍ର ଭବନ ଉଦ୍ଘାଟନ କରିଥିଲେ। ଲୋକଙ୍କ ମଧ୍ୟରେ ସଂଯୋଗୀକରଣକୁ ଆହୁରି ମଜବୁତ କରିବା ପାଇଁ ଉଭୟ ପକ୍ଷ ଏକ ନୂତନ ଯାତ୍ରୀବାହୀ ଟ୍ରେନ୍ - ମିତାଲି ଏକ୍ସପ୍ରେସକୁ ନୂଆ ଜଳପାଇଗୁଡି ଏବଂ ଢାକା ମଧ୍ୟରେ ପୁନଃ ସ୍ଥାପିତ ହୋଇଥିବା ପ୍ରାକ 1965 ଚିଲାହାଟି ହାଲଡିବାରୀ ରେଳ ଲିଙ୍କରେ ଚାଲୁ କରିବାକୁ ମଧ୍ୟ ସହମତ ହୋଇଥିଲେ।

ସ୍ୱାସ୍ଥ୍ୟ କ୍ଷେତ୍ରରେ ସହଯୋଗକୁ ମଜବୁତ କରିବା ପାଇଁ ଏବଂ ବାଙ୍ଗଲାଦେଶ ଦ୍ୱାରା ସୂଚିତ ଆବଶ୍ୟକତା ଅନୁଯାୟୀ ଭାରତ ବାଙ୍ଗଲାଦେଶକୁ 109 ଜୀବନ ସହାୟତାକାରୀ ଆମ୍ବୁଲାନ୍ସ ପ୍ରଦାନ କରିବାକୁ ଘୋଷଣା କରିଛି। ପ୍ରଧାନମନ୍ତ୍ରୀ ମୋଦୀ ପ୍ରଥମ ଆମ୍ବୁଲାନ୍ସର ଚାବି ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କୁ ହସ୍ତାନ୍ତର କରିଥିଲେ। ଭାରତ ବାଙ୍ଗଲାଦେଶବାସୀଙ୍କୁ 102 ଲକ୍ଷ ଟୀକା ପ୍ରଦାନ କରିଥିବାରୁ ପ୍ରଧାନମନ୍ତ୍ରୀ ଶେଖ ହସିନା ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଏଥିମଧ୍ୟରୁ 32 ଲକ୍ଷ ଟୀକା ଉପହାର ଭାବରେ ପ୍ରଦାନ କରାଯାଇଥିଲା।

ବିପର୍ଯ୍ୟୟ ପରିଚାଳନା, ବାଣିଜ୍ୟ ସୁଧାର ପଦକ୍ଷେପ, ବିକାଶ ପ୍ରକଳ୍ପ ଏବଂ ଦୁଇ ଦେଶର ଏନସିସି ମଧ୍ୟରେ ସମୁଦାୟ ପାଞ୍ଚଟି (05) ଏମଓୟୁ ସ୍ୱାକ୍ଷରିତ ହୋଇଛି।

ସହଯୋଗର କ୍ଷେତ୍ରଗୁଡ଼ିକ ଉପରେ ଏକ ବିସ୍ତୃତ ମିଳିତ ବିବୃତ୍ତି ଜାରି କରାଯାଇଛି ଯାହା https://www.mea.gov.in/bilateral-documents.htm?dtl/33746/ ରେ ଉପଲବ୍ଧ।

**ଢାକା**

**ମାର୍ଚ୍ଚ 27, 2021**

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.